ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଜାନୁୟାରୀ, ୨୦୨୨



## ଗଞ୍ଜେଇ ଚାଲାଣ, ୨ ଗିରଫ

ରାଉରକେଲା ଅଫିସ: କୋରାପୁଟ ମୁନିଗୁଡା ଅଞ୍ଚଳରୁ ଗଞ୍ଜେଇ ଧରି ଟ୍ରେନରେ ରାଞ୍ଚି ଯାଉଥିବାବେଳେ ଗୁରୁବାର ରାଉରକେଲା ଜିଆରପି ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଦିନେଶ କୁମାର ରାମ(୩୪) ଓ ରଘୁନାଥ ମୁଣ୍ଡା(୨୯)। ପୋଲିସ ଉଭୟଙ୍କ ଠାରୁ ୨୦ କେ.ଜି ଗଞ୍ଜେଇ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୧/୨୨) ହୋଇଛି। ଦିନେଶ ଓ ରଘୁନାଥ ଏକ ବ୍ୟାଗରେ ମୁନିଗୁଡ଼ା ଅଞ୍ଚଳରୁ ଗଞ୍ଜେଇ ନେଇ କୋରାପୁଟ-ରାଉରକେଲା ଇଣ୍ଟରସିଟି ଯୋଗେ ରାଞ୍ଚି ଯାଉଥିଲେ। ଟ୍ରେନ୍ ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ଜିଆରପି ପୋଲିସ ଟ୍ରେନ୍ ବଗି ଯାଞ୍ଚ କରିଥିଲା। ଏହି ସମୟରେ ଦୁଇ ଜଣ ଗଞ୍ଜେଇ ବ୍ୟବସାୟୀ ଫେରାର ହେବାବେଳେ ପୋଲିସ ହାବୁଡରେ ପଡିଥିଲେ।

## ସଂକ୍ଷେପରେ

### କୁଚିଣ୍ଡା ବ୍ଲକରେ ୧୫୯ ଜଣଙ୍କ ନାମାଙ୍କନ

କୁଚିଣ୍ଡା,୨୦।୧(ଡି.ଏନ.ଏ.): କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଗୁରୁବାର ୱାର୍ଡ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ ପାଇଁ ମୋଟ ୧୫୯ ଜଣ ନାମାଙ୍କନ ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧୩ଜଣ ୱାର୍ଡ ସଭ୍ୟ, ୨୩ଜଣ ସରପଞ୍ଚ ଓ ୨୩ଜଣ ସମିତି ସଭ୍ୟ ରହିଛନ୍ତି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ନାମାଙ୍କନ ପର୍ବରେ ବିଭିନ୍ନ ପଞ୍ଚାୟତରୁ ଉପରୋକ୍ତ ପଦବୀ ନିମନ୍ତେ ଏଯାବତ ମୋଟ ୨୭୪ ଜଣଙ୍କ ନାମାଙ୍କନପତ୍ର ଦାଖଲ ହୋଇଥିବା ନିବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ୪ର୍ଥ ଦିବସରେ ୨୭୩ ପ୍ରାର୍ଥିପତ୍ର ଦାଖଲ

ନାକଟିଦେଉଳ,୨୦।୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକରେ ଗୁରୁବାର ୪ର୍ଥ ଦିନରେ ୨୭୩ ପ୍ରାର୍ଥିପତ୍ର ଦାଖଲ ହୋଇଛି। ୱାର୍ଡ଼ସଭ୍ୟ ପାଇଁ ୨୫୦, ସରପଞ୍ଚ ଆସନ ପାଇଁ ୧୧ ଓ ସମିତି ସଭ୍ୟ ଆସନ ପାଇଁ ୧୨ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ସୂଚନା ଦେଇଛନ୍ତି।

### ବାହାମ ପଞ୍ଚାୟତରେ ୨ ସରପଞ୍ଚ, ୧୨ ୱାର୍ଡସଭ୍ୟ ପାଇଁ ନାମାଙ୍କନ

ପଡିଆବାହାଲ,୨୦।୧(ଡି.ଏନ.ଏ.): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତରେ ଗୁରୁବାର ସୁଦ୍ଧା ୨ ସରପଞ୍ଚ ଓ ୧୨ ୱାର୍ଡ ମେମ୍ବର ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଟାମ୍ପରଗଡ଼ ପଞ୍ଚାୟତରେ ୮ ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ଓ ୧୧ ୱାର୍ଡ ସଭ୍ୟ ପଦବୀ ମଧ୍ୟରୁ ୧୦ଟି ନାମାଙ୍କନ ଦାଖଲ କରିଛନ୍ତି।

### ୬ ଜିଲାପରିଷଦ ଆସନ ପାଇଁ ଭାଜପାର ନାମାଙ୍କନ

କୁଚିଣ୍ଡା, ୨୦।୧(ଡି.ଏନ.ଏ.): କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୬ଟି ଜିଲାପରିଷଦ ଆସନ ପାଇଁ ଗୁରୁବାର ଭାଜପା ପକ୍ଷରୁ ନାମାଙ୍କନ ପତ୍ର ଦାଖଲ ହୋଇଛି। କୁଚିଣ୍ଡା ବ୍ଲକ ଜୋନ-୧ ପାଇଁ ରଶ୍ମିତା ପଟେଲ ଓ ଜୋନ-୨ପାଇଁ ଦିବ୍ୟରାଜ କିସାନ, ବାମରା ବ୍ଲକ ଜୋନ-୧ ପାଇଁ ଦେଓକରଣ ଲୁହା ଓ ଜୋନ-୨ ପାଇଁ ସୁନୀଲ ଦାସ ଏବଂ ଜମନକିରା ବ୍ଲକ ଜୋନ-୧ ପାଇଁ ଡା. ସିମନ୍ତିନୀ ବରିହା ଓ ଜୋନ-୨ ପାଇଁ ସବିତା କିସାନ ନାମାଙ୍କନ ପତ୍ର କୁଚିଣ୍ଡା ଉପଜିଲାପାଳଙ୍କଠାରେ ଦାଖଲ କରିଛନ୍ତି। ଏହି ସମୟରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ଶୁଶିଳ କର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ପକ୍ଷରୁ କୁଚିଣ୍ଡା ବ୍ଲକ ଜୋନ-୧ ପାଇଁ ଦିଲୀପ ପଟେଲ ଓ ଜୋନ-୨ ପାଇଁ ରାମଚନ୍ଦ୍ର କିସାନ, ଜମନକିରା ବ୍ଲକ ଜୋନ-୧ ପାଇଁ ସର୍ଣ୍ଣିକା ଦାନି ଓ ବାମରା ବ୍ଲକ ଜୋନ-୧ ପାଇଁ ବାଣ୍ଟୁ କେଛୁଆ ନାମାଙ୍କନ ଦାଖଲ କରିଛନ୍ତି।

### ଭାଜପାର ୩ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନପତ୍ର

ଦେବଗଡ଼,୨୦।୧(ଡି.ଏନ.ଏ): ପ୍ରାର୍ଥିପତ୍ର ଦାଖଲର ଚତୁର୍ଥ ଦିନରେ ଗୁରୁବାର ୭ଜିଲା ପରିଷଦ ଆସନ ମଧ୍ୟରୁ ଭାଜପାର ତିନି ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାରକୋଟ ଜୋନ ୨, ବାରକୋଟ ଜୋନ ୩ ଓ ରିଆମାଳ ଜୋନ ୨ର ଭାଜପା ପ୍ରାର୍ଥୀମାନେ ଦେବଗଡ଼ ଉପଜିଲାପାଳଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭାଜପା ପକ୍ଷରୁ ବାରକୋଟ ଜୋନ ୨ ପାଇଁ ଫକୀର ମୋହନ ପ୍ରଧାନ, ଜୋନ ୩ପାଇଁ ସଂଯୁକ୍ତା ମହାକୁଲ ଓ ରିଆମାଳ ଜୋନ ୨ ପାଇଁ ପଲ୍ଲୀଶ୍ରୀ ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ସଭାପତି ମୀନକେତନ ପ୍ରଧାନ ପ୍ରମୁଖ ପ୍ରାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ଦଳୀୟ ଟିକେଟ ପ୍ରଦାନ କରିଥିଲେ। ପରେ ପ୍ରାର୍ଥୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଥିବାରୁ ଅବଶିଷ୍ଟ ଆସନ ପାଇଁ ସମସ୍ତ ଦଳର ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି।

# ପ୍ରାର୍ଥୀ ତାଲିକା ପ୍ରକାଶ: ଆଶାୟୀ ଆଶ୍ୱସ୍ତ

ସମ୍ବଲପୁର,୨୦।୧(ବ୍ୟୁରୋ)



ରେଢାଖୋଲ ନିର୍ବାଚନ ମଣ୍ଡଳୀ ଜିଲାପରିଷଦ ପ୍ରାର୍ଥୀ ଓ ନେତୃବୃନ୍ଦ।

ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନ ମଣ୍ଡଳୀର ମୋଟ ୬ ଜିଲାପରିଷଦ ପଦ ପାଇଁ ବିଜେଡିର ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏହି ଅବସରରେ ଧନୁପାଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଜିଲା ସଭାପତି ସିଦ୍ଧାର୍ଥ ଦାସ, ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଉପସ୍ଥିତିରେ ପ୍ରାର୍ଥୀମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଥିଲା। ଶୁକ୍ରବାର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ରେଢାଖୋଲ ନିର୍ବାଚନ ମଣ୍ଡଳୀ ନାକଟିଦେଉଳ ବ୍ଲକ ଜୋନ ୧ରେ ପ୍ରିୟମ୍ବଦା ସାହୁ, ଜୋନ-୨ ରେ ଟିକେଶ୍ୱରୀ ମେହେର, ରେଢାଖୋଲ ଜୋନ ୧ ଶିବାନି ଭୋଇ, ଯୁଯୁମୁରା ଜୋନ ୧ କବିତା ସାହୁ, ଜୋନ-୨ ମହାଦେବ ମିର୍ଦ୍ଧା, ମାନେଶ୍ୱର ଜୋନ ୨ ଗୀତାଞ୍ଜଳି ପାଣ୍ଡେ ରହିଛନ୍ତି। ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତି, ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାର୍ଥୀମାନଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଅନ୍ୟପଟେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଧନକଉଡା ଜୋନ ୧ ପାଇଁ ଠିକାଦାର ଗୋପାଳ ଅଗ୍ରୱାଲଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ହେଲେ ଆଜି ନାମାଙ୍କନପତ୍ର କିଣିବା ସମୟରେ ନିୟମ ଦୃଷ୍ଟିରୁ ଗୋପାଳ ପ୍ରାର୍ଥୀ ହୋଇପାରିବେ ନାହିଁ ବୋଲି ଦଳ ଜାଣିଥିଲା। ଗୋପାଳ ଜଣେ କ୍ଲାସ ୧ ଠିକାଦାର ଓ ତାଙ୍କ ନାମରେ ଏବେ କାମ ଚାଲିଛି। ତେଣୁ ନାମାଙ୍କନ କଲେ ଖାରଜ ହୋଇଯିବା ଭୟରେ ଗୋପାଳ ନାମାଙ୍କନ ପତ୍ର ନ କିଣି ଫେରିଆସିଥିଲେ। ଅନ୍ୟପଟେ ହାତରେ ଗୋଟିଏ ଦିନ ଥିବାରୁ ବିଜେଡି ପ୍ରାର୍ଥୀକୁ ନେଇ ଚିନ୍ତାରେ ପଡିଯାଇଛି। ରେଙ୍ଗାଲି ଓ ଜିଲା ସ୍ତରର ନେତାମାନେ ରାତି ଅଧିଆ ପ୍ରାର୍ଥୀ ଖୋଜୁଛନ୍ତି। ଏ ସମ୍ପର୍କରେ ଜିଲା ସଭାପତି ଦାସ କହିଛନ୍ତି, ଚଳିତ ବର୍ଷ ନିୟମରେ ସମାନ୍ୟ ପରିବର୍ତ୍ତନ ହୋଇଛି। ଏହା ଜଣାପଡି ନ ଥିବାବେଳେ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା। ଉକ୍ତ ଜୋନରେ ଅନ୍ୟ ଆଶାୟୀମାନେ ରହିଛନ୍ତି। ସମସ୍ତଙ୍କ ସହ ଯୋଗାଯୋଗ କରାଯାଉଛି। ରିପୋର୍ଟ କାର୍ଡ ସହ ହାଇକମାଣ୍ଡଙ୍କୁ ତାଲିକା ପଠା ଯିବ। ଦଳ ନିଷ୍ପତ୍ତି ନେବା ପରେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ହେବ।

**ରେଢାଖୋଲ ନିର୍ବାଚନମଣ୍ଡଳୀ**

**■ରାତିଅଧିଆ ପ୍ରାର୍ଥୀ ଖୋଜୁଛି ବିଜେଡି**

# ପୋଲିସ ପରିଚୟରେ ଠକୁଥିବା ଯୁବକ ଗିରଫ

ସମ୍ବଲପୁର,୨୦।୧(ବ୍ୟୁରୋ)



ଗିରଫ ଅଭିଯୁକ୍ତ ପ୍ରଶାନ୍ତ।

ପୋଲିସ ପରିଚୟ ଦେଇ ଠକୁଥିବା ଜଣେ ଯୁବକଙ୍କୁ ହୀରାକୁଦ ଥାନା ପୋଲିସ ଗିରଫ କରିଛି। ସେ ହେଲ ବରଗଡ ଜିଲା ଅତାବିରା ଥାନା ଲହଣ୍ଡା ଗ୍ରାମର ପ୍ରଶାନ୍ତ ମିର୍ଦ୍ଧା (୨୪)। ତାଙ୍କଠାରୁ ପୋଲିସ ଡ୍ରେସ୍, ଡ୍ରେସ୍‌ରେ ବ୍ୟବହୃତ ଷ୍ଟାର, ଆଇଆଇସି ଲେଖା, ପୋଲିସ ଜୋତା, ବେଲ୍ଟ, ୨ ମୋବାଇଲ ଜବତ ହୋଇଛି। ପୋଲିସ ସୂଚନା ଅନୁସାରେ ମଙ୍ଗଳବାର ହୀରାକୁଦ ଖୀଷ୍ଟିଆନ ପଡାର ସୁବ୍ରତ ଛତ୍ରିଆ ଅଭିଯୋଗ କରିଥିଲେ, ଅଭିଯୁକ୍ତ ପ୍ରଶାନ୍ତ ପୋଲିସରେ ଚାକିରି କରୁଥିବା କହି ବନ୍ଧୁତ୍ୱ ସ୍ଥାପନ କରିଥିଲେ। ପରେ ଚାକିରି କରାଇଦେବାକୁ କହି ୫ ହଜାର ଟଙ୍କା ନେଇଥିଲେ। କିଛିମାସ ପରେ ଚାକିରି ନ ହେବାରୁ ଟଙ୍କା ମାଗିଥିଲେ ମଧ୍ୟ ଧରା ଦେଇ ନ ଥିଲେ। ଗ୍ରାମର ଜଣେ ଯୁବକଙ୍କଠାରୁ ପୋଷ୍ଟାଲରେ ଚାକିରି କରାଇଦେବାକୁ କହି ସେ ୮୦ ହଜାର ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି ବୋଲି ପୋଲିସ କହିଛି।

# ବିରାଟ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ




ବିରାଟ ଶିକ୍ଷାନୁଷ୍ଠାନ ସମ୍ମିଳନୀ କକ୍ଷରେ ମେଧା ପରୀକ୍ଷା ଫଳ ପ୍ରକାଶ କରାଯାଉଛି।

ସମ୍ବଲପୁର,୨୦।୧(ବ୍ୟୁରୋ)

ବିରାଟ ମେଧାବୃତ୍ତି ୨୦୨୧-୨୦୨୨ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଅଧ୍ୟକ୍ଷ ରାହୁଲ ରାଜ ଖବରଦାତା ସମ୍ମିଳନୀରେ ଫଳାଫଳ ପ୍ରକାଶ କରି କହିଥିଲେ, ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ସକାଶେ ଛାତ୍ରୀଛାତ୍ରଙ୍କୁ ବିରାଟ ପ୍ରୋତ୍ସାହିତ କରିଆସୁଛି। ଚଳିତ ବର୍ଷ ମଧ୍ୟ ମାର୍କ ଆଧାରରେ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି। ବିରାଟ ମେଧା ବୃତ୍ତି ପରୀକ୍ଷା ଗତ ଡିସେମ୍ବରରେ ୪ଟି ପର୍ଯ୍ୟାୟରେ ହୋଇଥିଲା । ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଷଷ୍ଠରୁ ନବମ ଶ୍ରେଣୀରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ସକାଶେ ବିରାଟ ଫାଉଣ୍ଡେଶନ ପାଠ୍ୟକ୍ରମ ଓ ଦଶମ ଛାତ୍ରୀଛାତ୍ରଙ୍କୁ ଯୁକ୍ତ ଦୁଇ ଇଣ୍ଟିଗ୍ରେଟେଡ ଏବଂ ରେଗୁଲାର ପାଠ୍ୟକ୍ରମରେ ନାମ ଲେଖାଇବାକୁ ସ୍କଲାରଶିପ ଦିଆଯିବ। ଦ୍ୱାଦଶ ଶ୍ରେଣୀରେ ସଫଳ ଛାତ୍ରୀଛାତ୍ରଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲରେ ବ୍ୟାଚ ସ୍କଲାରଶିପ ମିଳିବ। ମେଧା ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ସହ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

ଦେବଗଡ଼,୨୦।୧(ଡି.ଏନ.ଏ)



ସାମନ୍ତାପାଲି ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଶୁଣିଲାନି ପ୍ରଶାସନ । ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମ ପଞ୍ଚାୟତର ସାମନ୍ତାପାଲି ଗ୍ରାମରେ। ଖବର ମୁତାବକ ସାମନ୍ତାପାଲି ଗ୍ରାମ ମଧ୍ୟ ଦେଇ ଯାଇଥିବା ତମ୍ବୁହୁଲି ମାଟି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଥିବାବେଳେ ଉକ୍ତ ରାସ୍ତାର ମରାମତି ନିମନ୍ତେ ଗ୍ରାମବାସୀ କଲଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନର ଦ୍ୱାରସ୍ତ ହୋଇସାରିଛନ୍ତି। ମାତ୍ର ସେମାନଙ୍କୁ କେବଳ ପ୍ରତିଶ୍ରୁତି ଛଡା ଆଉ କିଛି ବି ଉପଲବ୍ଧ ହେଉନାହିଁ। ଫଳରେ ଉକ୍ତ ରାସ୍ତାଦେଇ ଯାତାୟତ ସମୟରେ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେବା ସହ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଏତାଦୃଶ ଆଚରଣରେ କ୍ଷୋଭ ପ୍ରକାଶ କରି ଉକ୍ତ ଗ୍ରାମର ବହୁ ବାସିନ୍ଦା ନିଜସ୍ୱ ଉଦ୍ୟମରେ ଉକ୍ତ ରାସ୍ତାର ମରାମତି କରିବାକୁ ନିଷ୍ପତ୍ତି ନେବା ସହ ସହାୟତା ପାଇଁ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କୁ ଗୁହାରୀ କରିଥିଲେ। ସେମାନେ ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ରଙ୍କ ତତ୍ତ୍ୱାବଧାନରେ ମିଳିତ ଭାବେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରିଥିଲେ। ଜିଲା କୃଷକ ସଂଘର୍ଷ ସଂଘର ସଭାପତି ହେମ୍ବ୍ରମ ଉକ୍ତ ରାସ୍ତା ମରାମତି କାର୍ଯ୍ୟରେ ନିୟୋଜିତ ମାଟିଖୋଳା ମେଶିନର ସମସ୍ତ ଖର୍ଚ୍ଚ ନିଜେ ବହନ କରିଥିଲେ। ସୁରେଶ ଚନ୍ଦ୍ର ଧଳ, ଦୁଃଖିରାମ ସାହୁ ଓ ସ୍ମିତା ଲୁଗୁନ ପ୍ରମୁଖ ସେଠାରେ ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ କାର୍ଯ୍ୟରତ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

**ଶୁଣିଲାନି ପ୍ରଶାସନ**

# ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ରାଉରକେଲା ଅଫିସ,୨୦।୧

ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ଗୁରୁବାର ରାଉରକେଲା ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦଳର ଜିଲା ପରିଷଦ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲାଠିକଟା 'କ' ପାଇଁ ଭାଜପା ପକ୍ଷରୁ ଦାଶରଥି କିଷାନ, ଲାଠିକଟା 'ଖ' ପାଇଁ ମୁନୀ ବାର୍ଲା ଓ ଲାଠିକଟା 'ଗ' ପାଇଁ ବୁଦ୍ଧଦେବ ସିଂ ଜିଲା ପରିଷଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବିଶ୍ରା ବ୍ଲକ 'କ' ପାଇଁ ତପନ କୁମାର ସ୍ୱାଇଁ, 'ଖ' ପାଇଁ ମାଦନୀ ଓରାମ ଓ ନୂଆଗାଁ ବ୍ଲକ 'କ' ପାଇଁ ବିନୀତା କାଣ୍ଡୁଲାନା, ନୂଆଗାଁ 'ଖ' ପାଇଁ ସଞ୍ଜିତ କିସ୍‌ପଟ୍ଟା ଓ କୁଆଁରମୁଣ୍ଡା ପାଇଁ ବନ୍ଦନା ବେକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ସମୟରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ବିନ୍ଦର ସିଂ, ଜଗବନ୍ଧୁ ବେହେରା, ନିହାର ରାୟ, କେଦାର ମହାନ୍ତି, ଶଙ୍କର ଓରାମଙ୍କ ସହ ଦଳୀୟ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାସ୍ତା ଅବରୋଧ, ଥାନା ଘେରାଉ

ନାକଟିଦେଉଳ,୨୦।୧(ଡି.ଏନ.ଏ.)



ଥାନା ଆଗରେ ଟାୟାର ଜାଳି ଲୋକଙ୍କ ରାସ୍ତା ଅବରୋଧ।

ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଘଟିଥିବା ହତ୍ୟା ଘଟଣାର ୨୪ଘଣ୍ଟା ପରେ ମଧ୍ୟ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅଞ୍ଚଳବାସୀ ପୋଲିସର ନିଷ୍କ୍ରିୟତା ଓ ବେଆଇନ ନିଶାଦ୍ରବ୍ୟ କାରବାରକୁ ବିରୋଧ କରି ଗୁରୁବାର ଟାୟାର ଜାଳି ରାସ୍ତା ଅବରୋଧ ସହ ଥାନା ଘେରାଉ କରିଥିଲେ। ସୂଚନାଯୋଗ୍ୟ ଏହି ଥାନା ଅନ୍ତର୍ଗତ ଲୋଇସିଂ ଗ୍ରାମର କୁମାରୀ ମେହେର ନାମ୍ନୀ ମହିଳା ବୁଧବାର ଥାନାକୁ ଅଭିଯୋଗ କରିବାକୁ ଆସିଥିବାବେଳେ କକା ପୁଅ ଭାଇ କ୍ଷୀରୋଦ ରୋହିଦାସ ଥାନାର ପୁରୁଣା ଫାଟକ ସାମ୍ନାରେ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ମଦ୍ୟପାନ ଯୋଗୁ ଏପରି କାଣ୍ଡ ଘଟିଥିବା ଲୋକେ ଅଭିଯୋଗ କରି ବେଆଇନ ନିଶା କାରବାର ରୋକିବାରେ ପୋଲିସର ବିଫଳତାକୁ ଦାୟୀ କରିଥିଲେ। ଏହାଛଡା ଥାନା ଭିତରକୁ ସିଧାସଳଖ ଯିବାରେ ବାଧା ସୃଷ୍ଟି କରୁଥିବା ଫାଟକ ଠିକ ସ୍ଥାନରେ ରଖିବା ଦାବି ନେଇ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଥାନା ସମ୍ମୁଖ କିସିଣ୍ଡା-ଗୋଧିଡିପ ରାସ୍ତା ଅବରୋଧ କରିଥିଲେ। ତେବେ ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବେଆଇନ ମଦ କାରବାର ବନ୍ଦ ସହ ଥାନା ସମ୍ମୁଖରେ ଫାଟକ ବ୍ୟବସ୍ଥା ଖୁବ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

**ଥାନା ସମ୍ମୁଖରେ ହତ୍ୟା ଘଟଣା**

# ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କୁ ନେଇ ଗ୍ରାମସଭା

ସମ୍ବଲପୁର,୨୦।୧(ବ୍ୟୁରୋ)

ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗ୍ରାମସଭା କରାଯାଉଛି। ୨ମାସ ଭିତରେ ୯ ଜିଲାର ୨୦୨ ସେକ୍ସନ ଅଧୀନ ୫୦୯ ଗ୍ରାମରେ ସଭା କରାଯାଇଛି। ସଭାରେ ୪୭ ହଜାର ଗ୍ରାହକ ବିଲ ପଇଠ କରିଥିବାବେଳେ ୧୨ କୋଟି ଟଙ୍କା ଆଦାୟ ହୋଇଥିଲା। ୫ ହଜାର ଗ୍ରାହକ ଅଭିଯୋଗ କରିବା ପରେ ସେମାନଙ୍କ ସମସ୍ୟା ସମାଧାନ କରାଯାଇଥିଲା। ୧୪୩୧ ଗ୍ରାହକଙ୍କ ବିଦ୍ୟୁତ୍ ବିଲ ସଂଶୋଧନ କରାଯାଇଥିବାବେଳେ ୨୫୭୮ ଗ୍ରାହକଙ୍କ ମିଟର ପରିବର୍ତ୍ତନ କରାଯାଇଥିଲା। ଗ୍ରାହକଙ୍କ ଅଭିଯୋଗ ଶୁଣି ସମାଧାନ କରିବା ଗ୍ରାମସଭାର ଲକ୍ଷ୍ୟ ବୋଲି କମ୍ପାନୀ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବସପ୍ତାହ କାର୍ଯ୍ୟକ୍ରମ




ଯୁବ ଦିବସ ଓ ଯୁବ ସପ୍ତାହ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୨୦।୧(ବ୍ୟୁରୋ)

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକରେ ଯୁବ ଦିବସ ଓ ଯୁବ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧନକଉଡା ବ୍ଲକରେ ଜାତୀୟତା ଦିବସ, ମାନେଶ୍ୱରରେ ସଂସ୍କୃତ ଦିବସ, ଯୁଯୁମୁରାରେ ସହଯୋଗ ଦିବସ, ନାକଟିଦେଉଳରେ ସାମାଜିକ ସେବା, ଜମନକିରାରେ ଶାରୀରିକ ଦିବସ, କୁଚିଣ୍ଡାରେ ଶାନ୍ତି ଓ ଯୁବ ସଚେତନତା, ବାମରାରେ କୌଶଳ ବିକାଶ କାର୍ଯ୍ୟକ୍ରମ କରାଯାଇଛି। କୁଚିଣ୍ଡା ପୁରୁଣାପାଣି ବିଣାପାଣୀ କ୍ଲବଠାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଜିଲାର ବିଭିନ୍ନ କ୍ଲବର ସଭ୍ୟ ଓ କର୍ମକର୍ତ୍ତା ସାମିଲ ଥିଲେ। ସରୋଜ ମେହେର ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ଓ ରାଜେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଣାପାଣୀ କ୍ଲବ ସଭାପତି ଧନେଶ୍ୱର କିଶାନ ଧନ୍ୟବାଦ ଦେଇଥିଲେ।

# ଝାରସୁଗୁଡ଼ା ଜିଲା: ୬୯୪ ନାମାଙ୍କନ ଦାଖଲ

ଝାରସୁଗୁଡ଼ା ଅଫିସ,୨୦।୧

**ଜିଲା ପରିଷଦ ବିଜେଡି ୯, ଭାଜପା ୫, ସିପିଆଇ ୨, ସ୍ୱାଧୀନ ୧**

ଝାରସୁଗୁଡ଼ା ଜିଲାରେ ଚତୁର୍ଥ ଦିନରେ ୬୯୪ ନାମାଙ୍କନ ଦାଖଲ ହୋଇଛି। ପୂର୍ବରୁ କଂଗ୍ରେସ ପକ୍ଷରୁ ୯ ଜିଲା ପରିଷଦ ଲାଗି ନାମାଙ୍କନ ଦାଖଲ ହୋଇଥିବାବେଳେ ଗୁରୁବାର ବିଜେଡି ୯, ଭାଜପା ୫, ସିପିଆଇ ୨, ଜଣେ ସ୍ୱାଧୀନ ପ୍ରାର୍ଥୀ ଜିଲା ପରିଷଦରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡିର ଲଖନପୁର ବ୍ଲକ୍ ଜୋନ ୧ରୁ ସନତ ସିଂହ, ଜୋନ ୨ ଅକ୍ଷୟ ସାହୁ, ଜୋନ ୩ ପୁଷ୍ପଲତା ସେଠ୍, ଲଇକେରା ବ୍ଲକ୍ ଜୋନ ୧ ତୁଳାବତୀ ମିଞ୍ଜ, ଜୋନ ୨ ଅଞ୍ଜୁଲତା ବେହେରା, ଝାରସୁଗୁଡା ବ୍ଲକ୍ ଜୋନ ୧ ଝରଣା ସାଗର, ଜୋନ ୨ ଦିଗମ୍ବର ଭୋଇ, କୋଲାବିରା ବ୍ଲକ୍ ଜୋନ୍ ନୃପଲାଲ୍ ପଶାୟତ, କିର୍ମିରା ବ୍ଲକ୍ ଜୋନ୍ ରୀତା ବାଗ୍। ଭାଜପାର ଝାରସୁଗୁଡା ବ୍ଲକ୍ ଜୋନ ୧ ପଦ୍ମିନୀ ପଟେଲ, ଜୋନ ୨ ହେମରଞ୍ଜନ ସିଂହ, କୋଲାବିରା ବ୍ଲକ୍ ଜୋନ୍ ବଳରାମ ପାଣ୍ଡେ, ଲଇକେରା ବ୍ଲକ୍ ଜୋନ ୨ ସଞ୍ଜୁକ୍ତା ଓରାମ, କିର୍ମିରା ବ୍ଲକ୍ ଜୋନ୍ ଜ୍ୟୋତ୍ସ୍ନା ବିଶ୍ୱାଳ। ସିପିଆଇର ଲଖନପୁର ବ୍ଲକ୍ ଜୋନ ୨ ଯୋଗେନ୍ଦ୍ର ମାଝି, ଜୋନ ୩ ସୁମିତ୍ରା ଦୀପ୍ ଓ କୋଲାବିରା ବ୍ଲକ୍ ଜୋନ୍‌ରେ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚତୁର୍ଥ ଦିନରେ କିର୍ମିରା ବ୍ଲକ୍ ସରପଞ୍ଚ ୨୬, ସମିତିସଭ୍ୟ ୯, ୱାର୍ଡମେମ୍ବର ୬୩, କୋଲାବିରା ବ୍ଲକ୍ ସରପଞ୍ଚ ୨୦, ସମିତିସଭ୍ୟ ୧୪, ୱାର୍ଡମେମ୍ବର ୬୬, ଝାରସୁଗୁଡା ବ୍ଲକ୍ ସରପଞ୍ଚ ୪୦, ସମିତିସଭ୍ୟ ୧୯, ୱାର୍ଡମେମ୍ବର ୮୩, ଲଇକେରା ବ୍ଲକ୍ ସରପଞ୍ଚ ୨୨, ସମିତିସଭ୍ୟ ୧୪, ୱାର୍ଡମେମ୍ବର ୬୩, ଲଖନପୁର ବ୍ଲକ୍ ସରପଞ୍ଚ ୬୬, ସମିତିସଭ୍ୟ ୪୮, ୱାର୍ଡମେମ୍ବର ୧୨୪ ନାମାଙ୍କନ ପତ୍ର ଦାଖଲ ହୋଇଛି । ବିଜେଡି ତରଫରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଜିଲା ପର୍ଯ୍ୟବେକ୍ଷକ ଏମ୍‌ପି ସୁବାସ ସିଂହ, ତ୍ରିନାଥ ଗୁଆଲ, ଭାଜପା ପକ୍ଷରୁ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ବିମଳେନ୍ଦୁ ଭୋଳଙ୍କ ଗହଣରେ ପ୍ରାର୍ଥୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

# ୭୮ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନପତ୍ର

ସୁନ୍ଦରଗଡ଼,୨୦।୧(ଡି.ଏନ୍.ଏ.)



ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**■ସୁନ୍ଦରଗଡ଼ରେ ପ୍ରାର୍ଥିପତ୍ର ଦାଖଲର ଚତୁର୍ଥ ଦିବସ**

**■ବିଭିନ୍ନ ପଦବୀରେ ୨୨୧୧ ଜଣ ପ୍ରାର୍ଥୀଙ୍କ ନାମାଙ୍କନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିବସରେ ଗୁରୁବାର ସୁନ୍ଦରଗଡ଼ ଜିଲାରେ ୭୮ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୨୨୧୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପଦବୀରେ ୪୮୨ଜଣ, ସମିତି ସଭ୍ୟ ପଦବୀରେ ୪୦୪ଜଣ ଓ ୧୨୪୭ଜଣ ୱାର୍ଡ ମେମ୍ବର ପଦବୀରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ନିଜର ସମର୍ଥକ ଓ ଦଳୀୟ କର୍ମୀ ତଥା ନେତୃବୃନ୍ଦଙ୍କ ଗହଣରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ସୁନ୍ଦରଗଡ଼ ସଦର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅଭିମନ୍ୟୁ ବେହେରାଙ୍କଠାରେ ବିଭିନ୍ନ ଜିଲା ପରିଷଦ ଜୋନ୍ ପାଇଁ ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ୫ଟି ଜୋନ୍ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇଛି। ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି 'କ' ଜିଲା ପରିଷଦ ଜୋନ୍ ପାଇଁ ଗେଲବତୀ ପଟେଲ, ଟାଙ୍ଗରପାଲି 'ଖ' ପାଇଁ କୁନ୍ତୀପ୍ରଧାନ, ସୁନ୍ଦରଗଡ 'କ' ଜୋନ୍ ପାଇଁ ମଞ୍ଜୁଲତା ନାଏକ, ଲେଫ୍ରିପଡ଼ା 'ଖ' ପାଇଁ ଅଞ୍ଜଳି ଘୋଷ, ହେମଗିର ଖ ପାଇଁ ମହିମା ସେଠ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ସୁନ୍ଦରଗଡ଼ ବିଜେଡି ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ତଳସରାର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଡା. ପ୍ରଫୁଲ୍ଲ କୁମାର ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ସହ ପର୍ଯ୍ୟବେକ୍ଷକ ଦେବାଶୀଷ ମଲ୍ଲିକ, ଆଇନଜୀବୀ ସାମ୍ମୁଖ୍ୟ ଜିଲା ଆବାହକ ଅଶୋକ କୁମାର ସ୍ୱାଇଁ, ଜିଲା ବିଜୁ ଛାତ୍ର ଜନତାଦଳ ସଭାପତି ସାହବାଜ୍ ହୁସେନ୍, ସୁକାନ୍ତ ପତି, ଲଲାଟ ପରିଡା, କିଶୋର ନାଏକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ତରଫରୁ ହେମଗିର 'କ' ଆସନ ପାଇଁ ଭୁଲକି ସେଠ, ହେମଗିର 'ଖ' ପାଇଁ ଚୁମକି କୁଆ, ରାଜଗାଙ୍ଗପୁର 'କ' ପାଇଁ ସବିତା ମିଞ୍ଜ, ରାଜଗାଙ୍ଗପୁର ଖ ପାଇଁ ଶୀଲା ବାର୍ଲା, ସୁନ୍ଦରଗଡ଼ ସଦର ଖ ପାଇଁ ଡାଲିମ୍ ପାତ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପର୍ଯ୍ୟବେକ୍ଷକ ପ୍ରଦୀପ ମହାପାତ୍ର, ରାଜଗାଙ୍ଗପୁର ବିଧାୟକ ଡା. ସିଏଚ୍ ରାଜେନ୍ ଏକ୍କା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲବେଳେ ଉପସ୍ଥିତ ଥିଲେ। ଏଥିସହିତ ଭାଜପାର ତଳସରା ଓ ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ୍ ପ୍ରାର୍ଥୀମାନେ ମଧ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି।

**କାର୍-ବାଇକ୍ ଧକ୍କା: ୩ ଗୁରୁତର**

ବରଗଡ଼ ଅଫିସ: ବରଗଡ଼ ଘୁଲିପାଲିରୁ କଟାପାଲି ରାସ୍ତାରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଦୁର୍ଘଟଣା ଘଟି ତିନି ଜଣ ଯୁବକ ଗୁରୁତର ହୋଇଛନ୍ତି । ସେମାନେ ହେଲେ ବରଗଡ଼ ନାଗେନପାଲିର ଗଜାନନ ପାତ୍ର(୨୫), ଆଦର୍ଶ ପାତ୍ର(୨୨) ଏବଂ ରାକେଶ ସାହୁ (୨୩)। ଉକ୍ତ ଯୁବକମାନେ ଏକ ବାଇକ୍ ଯୋଗେ ଖଲିଆପାଲିରୁ ନିଜ ଘର ନାଗେନପାଲିକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତିନିଜଣ ଯାକ ଆରୋହୀ ଛିଟିକି ପଡିଥିଲେ। ସାମାଜିକ କର୍ମୀ ବିକାଶ ଅଗ୍ରୱାଲ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବରଗଡ଼ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାକେଶଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ୩୮ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ନୂଆପଡ଼ା ଅଫିସ,୨୦।୧:** ନୂଆପଡା ଜିଲାର ୧୪ଟି ଜୋନ ଲାଗି ଗୁରୁବାର ୩୮ ଜଣ ଜିଲା ପରିଷଦ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପା ନିଜର ଶକ୍ତି ପ୍ରଦର୍ଶନ ସହିତ ସମସ୍ତ ଆସନରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ସଭାପତି ମନୋଜ କୁମାର ମିଶ୍ରଙ୍କ ସହିତ ବିଜେଡି କର୍ମୀଙ୍କ ଉପସ୍ଥିତିରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କ ସମେତ ଜିଲାର ଭାଜପା କର୍ମୀଙ୍କ ଉପସ୍ଥିତିରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ କଂଗ୍ରେସ ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ଜିଲା ପରିଷଦ ପାଇଁ ୯ ପ୍ରାର୍ଥୀଙ୍କ ନାମାଙ୍କନପତ୍ର

**ବିଜେଡିରୁ ୮ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଜଣଙ୍କ ନାମାଙ୍କନପତ୍ର ଦାଖଲ**

**ବୌଦ୍ଧ,୨୦।୧(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଗୁରୁବାର ବୌଦ୍ଧ ଜିଲାର ୯ ଜିଲା ପରିଷଦ ଆସନ ମଧ୍ୟରୁ ୮ଟିରେ ବିଜେଡି ପକ୍ଷରୁ ନାମାଙ୍କନପତ୍ର ଦାଖଲ କରାଯାଇଛି। ୮ଆସନରେ ୬ମହିଳା ଏବଂ ୨ପୁରୁଷ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ୯ ଆସନ ମଧ୍ୟରୁ ୮ଟିରେ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଦଳ ପାଇଁ ସହଜ ହେବ ବୋଲି କୁହାଯାଉଥିବା ୮ ନମ୍ବର ଜୋନକୁ ନେଇ ଏବେ ବି ସଂଶୟ ରହିଥିବା ଜଣାଯାଇଛି। ୮ନଂ. ଜୋନ ପାଇ ଚିନ୍ତାଥିବା କୁହାଯାଉଥିବା ବେଳେ କିନ୍ତୁ ଆଜିର ନାମାଙ୍କନ ଦାଖଲକୁ ଦେଖିଲେ ବିଜେଡି ପାଇଁ ଚିନ୍ତା ବଢାଇଛି। ଏପଟେ କିନ୍ତୁ ବିଜେଡି ଦଳର ଜିଲା ସଭାନେତ୍ରୀ ଥିବା ଯଶ୍ୱିନ ପ୍ରଧାନ ଦଳର ପଦବିରୁ ପୂର୍ବରୁ ଇସ୍ତଫା ଦେଇଥିବାବେଳେ ସେ ମଧ୍ୟ ଗୁରୁବାର ୬ନଂ. ଜୋନ ପାଇଁ ସ୍ୱାଧୀନ ଭାବେ ଜିଲା ପରିଷଦ ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ୧ନଂ ଜୋନ ପାଇଁ ସୁମିତ୍ରା ସାହୁ, ୨ନଂ ପାଇଁ ମମତା ପ୍ରଧାନ, ୩ ନଂ ପାଇଁ ଶଙ୍କର୍ଷଣ ପ୍ରଧାନ, ୪ ନଂ ପାଇଁ ବୟନ୍ତି ପ୍ରଧାନ, ୫ ନଂ. ପାଇଁ ଉର୍ମିଳା ଝାଙ୍କର, ୬ ନଂ. ପାଇଁ କଳ୍ପନାରାଣି ସାହୁ, ୭ ନଂ ପାଇଁ ବିଶ୍ୱଜିତ ପ୍ରଧାନ ଓ ୯ନଂ. ଜୋନ ପାଇଁ ପ୍ରଭାସିନୀ ଦାସ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏପଟେ କିନ୍ତୁ ଭାଜପା କି କଂଗ୍ରେସ ପକ୍ଷରୁ ଜିଲା ପରିଷଦ ପାଇଁ କେହିବି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ବିଜେଡି ପକ୍ଷରୁ ନାମାଙ୍କନ ଦାଖଲ ପୂର୍ବରୁ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା ଓ ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକଙ୍କ ସମେତ ଜିଲା ବିଜେଡିର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ନାମାଙ୍କନ ପାଇଁ ବାହାରିଥିଲେ। କୋଭିଡ କଟକଣାକୁ ଦୃଷ୍ଟିରେ ରଖି କେବଳ ପ୍ରସ୍ତାବକ ଓ ସମର୍ଥକମାନେ ପ୍ରାର୍ଥୀମାନଙ୍କ ସହିତ ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

### ଗର୍ଭ ନଷ୍ଟ ଅଭିଯୋଗ ଆଣି ଏସ୍‌ପିଙ୍କ ଦ୍ୱାରସ୍ଥ

**ବଲାଙ୍ଗୀର ଅଫିସ,୨୦।୧:** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସେମ୍‌ଲା ଗ୍ରାମର ଦାମେନୀ ମେହେର ନାମ୍ନୀ ଜଣେ ମହିଳା ଗୁରୁବାର ଏସ୍‌ପି ଅଫିସ ଆସି ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନେ ତାଙ୍କର ୭ଥର ଗର୍ଭ ନଷ୍ଟ କରିବା ସହ ଘରୁ ତଡି ଦେଇଛନ୍ତି। ଗତ ୧୦ ତାରିଖରେ ଏ ସମ୍ପର୍କରେ ତୁରେକେଲା ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୋଗପତ୍ର ନରଖି ହଇରାଣ କରିଥିବା ଦାମେନୀ ଅଭିଯୋଗରେ ଦର୍ଶାଇଛନ୍ତି। ୨୦୧୧ ମସିହାରୁ ସେମ୍‌ଲା ଗ୍ରାମର ହେମ୍‌ରାଜ ମେହେର ଓ ଦାମେନୀ ସ୍ୱାମୀ-ସ୍ତ୍ରୀ ଭାବେ ରହି ଆସୁଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ଜୋରଜବରଦସ୍ତ ଔଷଧ ଖୁଆଇ ଗର୍ଭ ନଷ୍ଟ କରି ଦେଇଛନ୍ତି। ୨୦୧୬ମସିହାରୁ ନିର୍ଯାତନା ସହି ନ ପାରି ସେ ବାପ ଘରେ ରହୁଥିଲେ। ହେମରାଜ ସ୍ତ୍ରୀ ଭାବେ ତାଙ୍କୁ ଗ୍ରହଣ କରିବାକୁ ମନା କରିଦେବାରୁ ଥାନାକୁ ଯାଇ ଅଭିଯୋଗ କରିଥିଲେ। ତେବେ ପୋଲିସ ନଶୁଣିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଦାମେନୀ କହିଛନ୍ତି।



ନାମାଙ୍କନପତ୍ର ଦାଖଲ କରିବାକୁ ଯିବା ପୂର୍ବରୁ କଂଗ୍ରେସ ପ୍ରାର୍ଥୀମାନେ।



ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।



ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ନାମାଙ୍କନ ଭରିଲେ ୫୫ ଜିଲା ପରିଷଦ ପ୍ରାର୍ଥୀ

**ବଲାଙ୍ଗୀର ଜିଲା**

■ ୪୭୭ ସମିତି ସଭ୍ୟ, ୫୧୯ ସରପଞ୍ଚ, ୧୬୯୨ୱାର୍ଡସଭ୍ୟଙ୍କ ପ୍ରାର୍ଥୀପତ୍ର ଦାଖଲ

**ବଲାଙ୍ଗୀର ଅଫିସ,୨୦।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବଲାଙ୍ଗୀର ଜିଲାରେ ରାଜନୈତିକ ଉତ୍ତପ୍ତତା ବଢ଼ିବାରେ ଲାଗିଛି। ଗୁରୁବାର ନାମାଙ୍କନର ଚତୁର୍ଥ ଦିନରେ ଜିଲାରେ ୫୫ଜଣ ଜିଲା ପରିଷଦ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ୪୭୭ ସମିତି ସଭ୍ୟ, ୫୧୯ସରପଞ୍ଚ, ୧୬୯୨ ୱାର୍ଡସଭ୍ୟ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ ପାଇଁ ୧୧ କଂଗ୍ରେସ ପ୍ରାର୍ଥୀ, ୨ବିଜେଡି ପ୍ରାର୍ଥୀ, ଜଣେ ଭାଜପା ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ସମସ୍ତ ୧୧ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦେଓଗାଁ ଜୋନ ୧୩ ପାଇଁ ମୁକ୍ତାଦେଇ ତାଣ୍ଡି, ଜୋନ ୧୨ରେ କବିତା ଭୋଇ, ବଲାଙ୍ଗୀର ସଦର ବ୍ଲକ ଜୋନ୍ ୨୨ରେ ଯଶୋବନ୍ତୀ ବଘାର, ଜୋନ ୨୩ରେ ନୀଳେନ୍ଦ୍ରୀ ସେଠ, ଲୋଇସିଂହା ଜୋନ ୩୩ରେ ତନୟା ବେହେରା, ଜୋନ ୩୪ରେ ସବିତା କାଲସାଏ, ପୁଇଁତଲା ଜୋନ ୧୭ରେ ଶୁଭ୍ରାଂଶୁ ଶେଖର ପଣ୍ଡା, ଜୋନ ୧୮ରେ ବିରୋଧ ତାଣ୍ଡି, ଜୋନ ୧୯ରେ ଉମାକାନ୍ତ ମହାନନ୍ଦ, ଆଗଲପୁର ଜୋନ ୧ରେ ଗଣେଶ କୁମାର ସାହୁ, ଜୋନ ୨ରେ ଧନଞ୍ଜୟ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବେରୋଜଗାରୀ, ଧାନକିଣା ଦୁର୍ନୀତି, ମମିତା ମେହେର ହତ୍ୟାକାଣ୍ଡରେ ସରକାରୀ ଦଳର ସମ୍ପୃକ୍ତି କଂଗ୍ରେସର ନିର୍ବାଚନୀ ମୁଦ୍ଦା ହେବ ବୋଲି ଏହି ଅବସରରେ ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର କହିଛନ୍ତି।

ବିଜେଡି ପକ୍ଷରୁ ଜିଲା ପରିଷଦ ଜୋନ୍ ୨୨ରେ ଅନାମିକା ହୋତା, ଜୋନ୍ ୨୩ରେ ସଙ୍ଗୀତା ସୁନା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି, ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକେ ତୃଣମୂଳସ୍ତରରୁ ଅବଗତ ଥିବାରୁ ଦଳକୁ ବିଜୟୀ କରାଇବେ। ଜିଲା ପରିଷଦ ଜୋନ୍ ୨୨ରେ ଭାଜପା ପ୍ରାର୍ଥୀ ରୀତାରାଣୀ ସିଂଦେଓ ଉପଜିଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ନେତା ଅନନ୍ତ ଦାଶ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କୁ ପ୍ରଭାବିତ କରିବ। ଏହାହିଁ ଭାଜପାକୁ ଜିଲା ପରିଷଦ ଗଠନରେ ସହାୟକ ହେବ।

### ୪୦ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଧର୍ମଗଡ଼ ସବ୍‌ଡିଭିଜନ**

**ଭବାନୀପାଟଣା,୨୦।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଧର୍ମଗଡ ସବ୍‌ଡିଭିଜନର ୬ଟି ବ୍ଲକର ୧୮ଟି ଜୋନ୍ ପାଇଁ ୪୦ଜଣ ଜିଲା ପରିଷଦ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରେ ଭାଜପା ୧୬, ବିଜେଡି ୧୭, କଂଗ୍ରେସ ୬ ଓ ସ୍ୱାଧୀନ ପ୍ରାର୍ଥୀ ଜଣେ ରହିଛନ୍ତି। ଏହି ନାମାଙ୍କନ ଚାଲିଥିବାବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା, ବିଜେଡି ଓ କଂଗ୍ରେସକର୍ମୀଙ୍କ ସମର୍ଥକଙ୍କ ଭିଡ ଦେଖିବାକୁ ମିଳିଥିଲା। ତେବେ ସବୁଠୁ ଚର୍ଚ୍ଚାରେ ଥିଲେ ସ୍ୱାଧିନ ପ୍ରାର୍ଥୀ। ଜୁନାଗଡ ବ୍ଲକ ଆଟିଗାଁ ଜୋନ୍‌ରେ ସ୍ୱାଧୀନ ଜିଲା ପରିଷଦ ପ୍ରାର୍ଥୀ ଭାବେ ପୂର୍ବତନ ସରପଞ୍ଚ ତ୍ରିଭୂବନ ପଣ୍ଡା ଏଥର ମଇଦାନକୁ ଓହ୍ଲାଇଛନ୍ତି।

### ଚତୁର୍ଥ ଦିନରେ ୨୨୩ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଲୋଇସିଂହା,୨୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ନାମାଙ୍କନର ଚତୁର୍ଥ ଦିବସ ବୁଧବାର ୨୨୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୪୫ ୱାର୍ଡସଭ୍ୟ, ୩୭ ସରପଞ୍ଚ ଏବଂ ୪୧ସମିତି ସଭ୍ୟ ଥିବା ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ । ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି । ବୁର୍ଦ୍ଦା, ହୀରାପୁର, ସରଗାଡା ପଞ୍ଚାୟତର ସମିତି ସଭ୍ୟ ଅଣସଂରକ୍ଷିତ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ବୁଧବାର ହୀରାପୁର ପଞ୍ଚାୟତରୁ ବ୍ଲକ ଉପାଧ୍ୟକ୍ଷ ଯତୀନ୍ଦ୍ର ପଟେଲ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସରଗାଡରୁ ଅନନ୍ତ ସାହୁ, ବୁର୍ଦ୍ଦାରୁ ସୁନୀଲ ଅଗ୍ରୱାଲଙ୍କ ସମେତ ୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଭରିଛନ୍ତି।

# ସୁବର୍ଣ୍ଣପୁର ଜିଲା: ୯୭୬ ପ୍ରାର୍ଥୀପତ୍ର ଦାଖଲ

**ସୋନପୁର,୨୦।୧(ନି.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଦାଖଲର ଚତୁର୍ଥ ଦିବସରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ମୋଟ ୯୭୬ ଜଣ ଆଶାୟୀ ପ୍ରାର୍ଥୀନୀ ଓ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୋନପୁର ବ୍ଲକରେ ୯୫ ୱାର୍ଡସଭ୍ୟ, ୧୫ ସରପଞ୍ଚ ଓ ୨୧ ସମିତି ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଲୁଣ୍ଡା ବ୍ଲକରେ ୧୦୮ ୱାର୍ଡସଭ୍ୟ, ୨୫ ସରପଞ୍ଚ ଓ ୨୫ ସମିତି ସଭ୍ୟ ପାଇଁ, ବୀରମହାରାଜପୁର ବ୍ଲକରେ ୧୦୮ ୱାର୍ଡସଭ୍ୟ, ୨୬ ସରପଞ୍ଚ ଓ ୨୩ ସମିତି ସଭ୍ୟ ପାଇଁ, ଡୁଙ୍ଗୁରିପାଲି ବ୍ଲକରେ ୧୩୮ ଜଣ ୱାର୍ଡ ସଭ୍ୟ, ୩୬ ସରପଞ୍ଚ ଓ ୨୯ ସମିତି ସଭ୍ୟ, ତରଭା ବ୍ଲକରେ ୧୧୭ ୱାର୍ଡସଭ୍ୟ, ୧୯ ସରପଞ୍ଚ, ୧୬ ସମିତି ସଭ୍ୟ, ବିନିକା ବ୍ଲକରେ ୯୭ ୱାର୍ଡସଭ୍ୟ, ୩୦ ସରପଞ୍ଚ ଏବଂ ୨୧ ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ବିନିକା ବ୍ଲକ ଜୋନ ୧ ପାଇଁ ପ୍ରମିଳା କଲତା, ଜୋନ ୨ ପାଇଁ ବାବୁଲୁ ବିଶି, ଡୁଙ୍ଗୁରିପାଲି ବ୍ଲକ ଜୋନ ୧ ପାଇଁ ପ୍ରଭାତୀ କୁମ୍ଭାର,



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଜିଲା ପରିଷଦ ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ।

ଜୋନ ୨ ପାଇଁ ଦୀପାଞ୍ଜଳି ବରିହା, ଜୋନ ୩ ପାଇଁ ହରିବନ୍ଧୁ କଠାର, ତରଭା ବ୍ଲକ ଜୋନ ୧ ପାଇଁ ରୁନୁ କମ୍ପ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ସୋନପୁର ବ୍ଲକ ଜୋନ ୧ ପାଇଁ ସସ୍ମିତା ମହାନ୍ତି, ଜୋନ ୨ ପାଇଁ ମଧୁସୁଦନ ଓତା, ଡୁଙ୍ଗୁରିପାଲି ଜୋନ ୧ ପାଇଁ ସୁପ୍ରା ଠେଲା, ଜୋନ ୨ ପାଇଁ ମଞ୍ଜୁଶ୍ରୀ ମାଝୀ, ଜୋନ ୩ ପାଇଁ ଗଣେଷ ଚନ୍ଦ୍ର ଭୋଇ, ତରଭା ବ୍ଲକ ଜୋନ ୧ ପାଇଁ ଅଞ୍ଜଳି କମ୍ପ, ଜୋନ ୨ ପାଇଁ ଶକୁନ୍ତଳା ପୃଷ୍ଟି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବହୁଜନ ସମାଜ ପାର୍ଟି ତରଫରୁ ବିନିକା ବ୍ଲକ ୨ ପାଇଁ ବଳବନ୍ତ ସୁନା ଜିଲା ପରିଷଦ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ବୀରମହାରାଜପୁର ବ୍ଲକ ଜୋନ ୧ ପାଇଁ ରଞ୍ଜିତ କୁମାର ରଥ, ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଲବ କୁମାର ସାହୁ, ଭାଜପା ପକ୍ଷରୁ ଶରତ କୁମାର ମିଶ୍ର, ଜୋନ ୨ ପାଇଁ ଜାତୀୟ କଂଗ୍ରେସରୁ ରାଜଗୋପାଳ ପାଣିଗ୍ରାହୀ, ବିଜେଡିରୁ ଚନ୍ଦ୍ରକାନ୍ତି ଦନ୍ତା, ଉଲୁଣ୍ଡା ବ୍ଲକ ଜୋନ ୧ ପାଇଁ ବିଜେଡିରୁ ବିଜୟଲକ୍ଷ୍ମୀ ତରିଆ, କଂଗ୍ରେସରୁ ଛଇଳ ସାଗର, ବିଏସ୍‌ପିରୁ ମମତାରାଣୀ ବାରିକ, ଜୋନ ୨ ପାଇଁ ବିଜେଡିରୁ ଝସକେତନ ବଘାର, ଭାଜପାରୁ ଚନ୍ଦ୍ରହାସ ଦଳେଇ ଓ ସିପିଆଇଏମଏଲରୁ କୁଶ ମହାକୁର ଜିଲା ପରିଷଦ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ଚତୁର୍ଥ ଦିନରେ ୨୪୫୩ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ପଞ୍ଚାୟତ ନିର୍ବାଚନ**

**ଭବାନୀପାଟଣା/କର୍ଲାମୁଣ୍ଡା, ୨୦।୧(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଚତୁର୍ଥ ଦିନରେ ଜିଲାରେ ସମୁଦାୟ ୨୪୫୩ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରେ ୧୪୮୯ଜଣ ୱାର୍ଡମେମ୍ବର, ୪୭୧ ସରପଞ୍ଚ, ସମିତି ସଭ୍ୟ ୪୨୨ ଓ ଜିଲା ପରିଷଦ ୭୧ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲାର କେସିଙ୍ଗା ବ୍ଲକରେ ୧୫୭, ଧର୍ମଗଡରେ ୨୪୨, ଜୁନାଗଡରେ ୩୦୧,ଏମ୍. ରାମପୁରରେ ୯୮, କୋକସରାରେ ୨୩୦, ଗୋଲାମୁଣ୍ଡାରେ ୨୨୮, କର୍ଲାମୁଣ୍ଡାରେ ୧୧୧, ଜୟପାଟଣାରେ ୨୭୭, ନର୍ଲାରେ ୧୫୧, କଳମପୁରରେ ୧୧୪, ଲାଞ୍ଜିଗଡରେ ୧୦୯, ଭବାନୀପାଟଣାରେ ୨୯୩ ଓ ଥୁଆମୂଳ ରାମପୁର ବ୍ଲକରେ ୧୪୨ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଜିଲାରେ ସୋମବା, ମଙ୍ଗଳବାଳ, ବୁଧବାର ଓ ଗୁରୁବାର ୪ଦିନର ନାମାଙ୍କନ ସଂଖ୍ୟା ମିଶି ୫୬୦୬ରେ ପହଞ୍ଚିଛି। ଶୁକ୍ରବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ଦିନ ରହିଛି।

କର୍ଲାମୁଣ୍ଡା ବ୍ଲକରେ ବିଭିନ୍ନ ପଦବୀ ପାଇଁ ସର୍ବମୋଟ ୧୧୧ଜଣ ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଥିବା ଜଣାଯାଇଛି। ୱାର୍ଡସଭ୍ୟ ପଦବୀ ପାଇଁ ୭୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସମିତି ସଭ୍ୟ ପାଇଁ ୧୯ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପାଇଁ ୨୧ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଗୁରୁବାର ସୁଦ୍ଧା ମୋଟ ସରପଞ୍ଚ ପାଇଁ ୩୪ଜଣ, ୱାର୍ଡମେମ୍ବର ପାଇଁ ୧୬୦ଜଣ ଓ ସମିତି ସଭ୍ୟ ପାଇଁ ୩୮ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କରୋନା ସଂକ୍ରମଣ: ଜିଲା ନ୍ୟାୟାଳୟ କଣ୍ଟେନମେଣ୍ଟ ଘୋଷଣା

**ବୌଦ୍ଧ, ୨୦।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ଦିନକୁଦିନ ବୃଦ୍ଧିହେବା ସହ ଜିଲାରେ ଗୁରୁବାର ୭୬ଜଣ ନୂତନ ସଂକ୍ରମିତ ଚିହ୍ନଟ ହେବା ସହ ଜିଲାରେ ବର୍ତ୍ତମାନ ୪୩୧ ଜଣ ଆକ୍ଟିଭ ଥିବା ଜଣାପଡିଛି। ବୌଦ୍ଧ ଜିଲା ନ୍ୟାୟାଳୟର ବିଚାରପତି ଓ ୧୫ରୁ ଅଧିକ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ନ୍ୟାୟାଳୟ ପରିସରକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଜିଲା ନ୍ୟାୟାଳୟ ପରିସରକୁ ୨୧ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ସହିତ ସମସ୍ତ କୋର୍ଟ କାର୍ଯ୍ୟକୁ ତିନି ଦିନ ପାଇଁ ସ୍ଥଗିତ ରଖାଯାଇଛି। ଏହି ସମୟରେ କୋର୍ଟର ଜରୁରୀ କାର୍ଯ୍ୟଗୁଡିକ ବିଚାରପତିମାନେ ଘରେ କରିବାକୁ ନିର୍ଦ୍ଦେଶ ରହିଛି।

# ୩୩ରେ ଭାଜପା, ୩୪ନଂ. ଜୋନରେ ବିଜେଡି ଟିକେଟ ଅଙ୍କ ଛିଣ୍ଡୁନି

**ଲୋଇସିଂହା,୨୦।୧(ଡି.ଏନ.ଏ)**

ଶୁକ୍ରବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ । ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୩୩ ନଂ ଜିଲା ପରିଷଦ ଜୋନ ପାଇଁ ଭାଜପା ଏବଂ ୩୪ ନଂରେ ବିଜେଡି ପ୍ରାର୍ଥୀ ଚୟନ ଅଙ୍କ ଛିଣ୍ଡୁନି। ଉଭୟ ଦଳର ଆଶାୟୀ ପ୍ରାର୍ଥୀମାନେ ଏହାକୁ ନେଇ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ୩୩ ନଂ ଜୋନ ପାଇଁ ଅଣସଂରକ୍ଷିତ ମହିଳା ଏବଂ ୩୪ନଂ ଜୋନ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଉଭୟ ଜୋନରେ କଂଗ୍ରେସ ପ୍ରାର୍ଥୀ ଦେଇ ଆଗରେ ରହିଛି। ୩୩ ନଂରୁ କନ୍ଦାଜୁରୀ ସରପଞ୍ଚ ତନୟା ବେହେରା ଏବଂ ୩୪ରୁ ସବିତା କାଲସାଏଙ୍କ ନାମ ଘୋଷଣା କରାଯାଇଛି। ତନୟା ବେହେରା ବିଜେଡି ଟିକେଟ ଦୌଡରେ ଥିଲେ। ଟିକଟ ଅନିଶ୍ଚିତତା ମଧ୍ୟରେ ସେ କଂଗ୍ରେସ ଦଳକୁ ଡେଇଁ ଟିକେଟ ହାତେଇଛନ୍ତି। ୩୩ନଂ ଜୋନ୍‌ରେ ଭାଜପା ପକ୍ଷରୁ ବିଧାୟକ ମୁକେଶ ମହାଲିଙ୍ଗଙ୍କ ୩ ଅନୁଗତ ସେମାନଙ୍କ ସ୍ତ୍ରୀ ଏବଂ ମା'ଙ୍କ ପାଇଁ ଦାବି କରୁଥିବାରୁ ଟିକେଟ ବଣ୍ଟନ ବିଧାୟକଙ୍କୁ ଅଡୁଆରେ ପକାଇଛି । ୩୪ ନଂ ଜୋନରୁ ଏମ୍‌ପି ପ୍ରତିନିଧିଙ୍କ ସ୍ତ୍ରୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ଭଗବତୀ ଧରୁଆ ଟିକେଟ ପାଇଛନ୍ତି। ବିଜେଡି ପକ୍ଷରୁ ସମାନ ଅବସ୍ଥା ସୃଷ୍ଟି ହୋଇଛି। ୩୩ ନଂ ଜୋନରେ ଲିଳିମା ବେହେରା ବିଜେଡିରୁ ଟିକେଟ ପାଇଥିବାବେଳେ ୩୪ ନଂ ଜୋନରେ ପ୍ରାର୍ଥୀ ଚୟନ ହୋଇ ପାରିନାହିଁ। ଆଶାୟୀ ଟିକେଟ ନ ପାଇଲେ ବିଦ୍ରୋହୀ ହୋଇ ଦଳ ପାଇଁ କଣ୍ଟା ସାଜିବା ସାଧାରଣରେ ଆଲୋଚନା ହେଉଛି।

# ଆୟୁର୍ବେଦ ମହାବିଦ୍ୟାଳୟରେ ସ୍ୱର୍ଣ୍ଣପ୍ରାସନ କାର୍ଯ୍ୟକ୍ରମ

**ବଲାଙ୍ଗିର ଅଫିସ, ୨୦।୧**

ପୁଷ୍ପନକ୍ଷେତ୍ର ଦିବସରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଜନ୍ମଠାରୁ ୧୬ବର୍ଷ ଶିଶୁମାନଙ୍କୁ ସ୍ୱର୍ଣ୍ଣପ୍ରାସନ କରାଯାଇଥିଲା। ଶିଶୁଙ୍କ ଶାରୀରିକ ବୃଦ୍ଧି, ମାନସିକ ବିକାଶ, ମେଧାଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଦିଗରେ ଏହା ସହାୟକ ହୋଇଥାଏ। କରୋନା କାଳରେ ମହାମାରୀ ସହ ଲଢ଼ିବା ପାଇଁ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଚିକିତ୍ସା ବିଜ୍ଞାନ ଚେଷ୍ଟାରତ ରହିଛି । ତାହା ପାଇଁ ବିଭିନ୍ନ ପ୍ରକାର ଔଷଧର ପ୍ରୟୋଗ ହେଉଛି । କିନ୍ତୁ ଆମ ପାରମ୍ପରିକ ଆୟୁର୍ବେଦିକ ଚିକିତ୍ସା ଅନ୍ୟ କୌଣସି ଔଷଧ ଅପେକ୍ଷା ଶରୀରର ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଅଧିକ ସହାୟକ ହୋଇପାରିବ। ସେହି କ୍ରମରେ ଏହି ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ପ୍ରତିରୋଧକ ଆହୁରି ବଢ଼ାଇବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶିଶୁମାନଙ୍କୁ ସ୍ୱର୍ଣ୍ଣପ୍ରାସନ ପ୍ରଦାନ କରାଯାଇଥିଲା। ଅଧକ୍ଷ ପ୍ରଫେସର ଅରୁଣ କୁମାର ଦାସ, ଶିଶୁ ବିଭାଗର ଅଧାପକ ଡା. ଅମ୍ବୁଜା କୁମାର ବିଶ୍ୱାଳ ଓ କାର୍ଯ୍ୟ ଚିକିତ୍ସା ବିଭାଗ ଅଧକ୍ଷ ଡା.ସୀମାଦ୍ରୀ ଭୂଷଣ ନାୟକ ଶିଶୁମାନଙ୍କର ପରୀକ୍ଷଣ ଏବଂ ସ୍ୱର୍ଣ୍ଣପ୍ରାସନ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ।



ଜଣେ ଶିଶୁକୁ ସ୍ୱର୍ଣ୍ଣପ୍ରାସନ କରାଯାଉଛି।

# ମାଛ ମାରିବା ପାଇଁ ବେଆଇନ ବ୍ଲାଷ୍ଟିଂ

**ସୋନପୁର,୨୦।୧(ନି.ପ୍ର.)**

ଅଣ ମତ୍ସ୍ୟଜୀବୀମାନେ ମାଛ ମାରିବା ପାଇଁ ମହାନଦୀରେ ବେଆଇନଭାବେ ବ୍ଲାଷ୍ଟିଂ କରିବା ସହ କୀଟନାଶକ ପ୍ରୟୋଗ କରୁଛନ୍ତି। ଗୁରୁବାର ସୋନପୁର ରାମେଶ୍ୱର ଘାଟର ତଳମୁଣ୍ଡରେ କେତେକ ଲୋକ ବାଷ୍ଟିଂ କରି ମାଛ ମାରୁଥିଲେ। ସେମାନଙ୍କୁ ଧରି ପୋଲିସରେ ଜିମା ଦେବା ପାଇଁ ସୋନପୁର ତରିଆପଡାର ମତ୍ସ୍ୟଜୀବୀମାନେ ନଦୀଗର୍ଭକୁ ଯାଇଥିଲେ। ତେବେ ଅଣମତ୍ସ୍ୟଜୀବୀମାନେ ମଲା ମାଛ, ଡଙ୍ଗା, ବ୍ଲାଷ୍ଟିଂରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଛାଡ଼ି ଫେରାର ହୋଇଯାଇଥିଲେ। ତରିଆପଡାର ସରୋଜ କୁମାର ତରିଆ, ରତ୍ନାକର ବୁଡେକ, ଶଙ୍ଖନାଦ ମହାଲିକ, ଶଙ୍କର ସାହୁ, ଶ୍ୟାମ ଶତପଥୀ, ରାମ ଶଙ୍କର ସାହୁ, ଭୀମ କୁମାର ମହାଲିକ, ରାଜୀବ ମହାଲିକ ଓ ଭକ୍ତ ତରିଆ ପ୍ରମୁଖ ଡଙ୍ଗା, ମାଛ ଓ ବ୍ଲାଷ୍ଟିଂରେ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ଆଣି ସୋନପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ମତ୍ସ୍ୟଜୀବୀମାନେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମହାନଦୀରୁ ଚିଙ୍ଗୁଡି ଓ ଶତାଧିକ ପ୍ରଜାତିର ମାଛ ଧରି ସ୍ଥାନୀୟ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ କରି ଆସୁଥିଲେ। ତେବେ କେତେକ ଅଣ ମତ୍ସ୍ୟଜୀବୀ ସୁବିଧାରେ ମାଛ ଧରିବା ପାଇଁ ନଦୀରେ ଡିନାମାଇଟ ଲଗାଇ ବ୍ଲାଷ୍ଟିଂ କରିବା ସହ କୀଟନାଶକ ପ୍ରୟୋଗ କରୁଛନ୍ତି। ଏହାର ପ୍ରଭାବରେ ଛୋଟ ବଡ ମାଛ ଓ ଅନ୍ୟ ଜଳଜୀବମାନେ ମରି ନଦୀ ପାଣିରେ ଭାସୁଛନ୍ତି। ସ୍ୱାସ୍ଥ୍ୟ ପାଇଁ ହାନିକାରକ ଏହି ମାଛକୁ ବଜାରରେ ବିକ୍ରି କରାଯାଉଛି। ଏଥିଯୋଗୁଁ ମହାନଦୀରେ ବହୁ ବିରଳ ମାଛ ବଂଶ ଲୋପ ପାଇ ଯାଉଛନ୍ତି। ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଦେଶୀ ଡଙ୍ଗା ଓ ଜାଲ ଦ୍ୱାରା ପାରମ୍ପରିକ ଉପାୟରେ ମାଛ ମାରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ନଦୀକୁ ମାଛ ମାରିବାକୁ ଯାଇ ଖାଲି ହାତରେ ଫେରୁଛନ୍ତି। ତେଣୁ ନଦୀରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ମାଛ ମରାକୁ ମତ୍ସ୍ୟଜୀବୀମାନେ ବିରୋଧ କରିଛନ୍ତି। ଏହି ଘଟଣାରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋନପୁର ଆଇଆଇସି ନିରଞ୍ଜନ ଦାସ ପ୍ରତିଶ୍ରୁତି ଦେଇଛନ୍ତି।



ମତ୍ସ୍ୟଜୀବୀମାନେ ସୋନପୁର ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

**ମାଛ, ଡଙ୍ଗା, ବିସ୍ଫୋରକ ସାମଗ୍ରୀ ଜିମା ଦେଲେ ମତ୍ସ୍ୟଜୀବୀ**

